## ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଗାଡ଼ି ଦୁର୍ଘଟଣାଗ୍ରସ୍ତ

କୋଲନରା/ବିଷମକଟକ,୨୭।୧୨(ଡି.ଏନ୍.ଏ.)- ରାୟଗଡା ଜିଲା ଥେରୁବାଲି ଫାଣ୍ଡି ଅଧୀନ ପିଣ୍ଡାପଦର ବୁଲାଣି ରାସ୍ତାରେ ସୋମବାର ମଧ୍ୟାହ୍ନରେ ସ୍ୱାସ୍ଥ୍ୟ ବିଭାଗର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଡାକ୍ତର ଏବଂ ୩ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ, ବିଷମକଟକ ସରକାରୀ ଚିକିତ୍ସାଳୟରେ ନିୟୋଜିତ ଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଗାଡ଼ି ରାୟଗଡ଼ା ଅଭିମୁଖେ ଆସୁଥିବାବେଳେ ବିପରିତ ଦିଗରୁ ୩ ଯୁବକ ବାଇକ୍(ଓଡି ୧୮ ଏଫ୍ ୯୯୫୬)ରେ ଥେରୁବାଲି ଅଭିମୁଖେ ଯାଉଥିଲେ। ପିଣ୍ଡାପଦର ବୁଲାଣି ରାସ୍ତାରେ ବାଇକ୍ ଏବଂ ସ୍ୱାସ୍ଥ୍ୟ ବିଭାଗ ଗାଡ଼ି ମଧ୍ୟରେ ଦୁର୍ଘଟଣା ଘଟି ଭ୍ରାମ୍ୟମାଣ ଗାଡ଼ିଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଆହତ ଡାକ୍ତର ଏବଂ ବାଇକ୍ ଆରୋହୀମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

**ସଂକ୍ଷେପରେ**

## ନାବାଳକ ପୁଅର ଛୁରା ମାଡ଼ରେ ବାପାଙ୍କ ମୃତ୍ୟୁ

ଜୟପୁର, ୨୭।୧୨ (ନି.ପ୍ର.)- ପୁଅର ଛୁରା ମାଡରେ ବାପଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ଛୁରା ମାଡ଼ କରିଥିବା ନାବାଳକ ପୁଅ ଫେରାର ଅଛନ୍ତି। ମୃତକ ହେଲେ ଜୟପୁର ଥାନା ଅଞ୍ଚଳର ଅମିର ନାଗ (୩୫)। ପୋଲିସ ସୁଚନାନୁଯାୟୀ ଅମିରଙ୍କର ତାଙ୍କ ନାବଳକ ପୁଅଙ୍କ ସହ କୌଣସି କାରଣରୁ ଝଗଡ଼ା ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନାବାଳକ ଜଣଙ୍କ ଛୁରିରେ ତାଙ୍କ ବାପା ଅମୀରଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଅମିରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଡାକ୍ତର ଅମୀରଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ମା' ଜୟପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଇନ୍ସପେକ୍ଟର ରଘୁନାଥ ମାଝି କହିଛନ୍ତି।

## ୧.୩୫ କୋଟି ଟଙ୍କାର ଗଞ୍ଜେଇ ଜବତ

କୋରାପୁଟ,୨୭।୧୨(ସ୍ୱ.ପ୍ର.)- କୋରାପୁଟ ଜିଲା ପୋଲିସକୁ ସୋମବାର ବଡ ସଫଳତା ମିଳିଛି। ମାଛକୁଣ୍ଡ ପୋଲିସ ଦ୍ୱାରା ଲମତାପୁଟ ବ୍ଲକର ବାଲେଲ ଗ୍ରାମରେ ଥିବା ଏକ ବିଜୁ ପକ୍କା ଘର ଉପରେ ଚଢାଉ କରାଯାଇ ସେଠାରେ ଥିବା ପ୍ରାୟ ୧ କୋଟି ୩୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। କୋରାପୁଟ ଏସ୍ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ନନ୍ଦପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଲମତାପୁଟ ଓ ମାଛକୁଣ୍ଡ ପୋଲିସର ଏକ ୧୦ ଜଣିଆ ଟିମ୍ ବାଲେଲ ଗ୍ରାମରେ ଚଡାଉ କରିଥିଲା। ଏହି ସମୟରେ ସେଠାରୁ ୫୮ ବସ୍ତାରେ ଥିବା ୧ ଟନ୍ ୩ କୁଇଣ୍ଟାଲ ୫୭ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୁଲ୍ୟ ୧ କୋଟି ୩୫ ଲକ୍ଷ ଟଙ୍କାହେବ ବୋଲି ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଚିହ୍ନଟ କରଯାଇଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

## ନଦୀପଠାରୁ ମହିଳାଙ୍କ ମୃତଦେହ ଜବତ

ପାପଡାହାଣ୍ଡି,୨୭।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ଦେଇ ଯାଇଥିବା ଟୁରୀ ନଦୀ ପଠାରେ ସୋମବାର ଜଣେ ମହିଳାଙ୍କ ମୃତଦେହ ମିଳିଛି। ତାଙ୍କର ପରିଚୟ ମିଳିନାହିଁ। ସୂଚନାନୁଯାୟୀ, ସୋମବାର ସକାଳୁ ଘାଟଗୁଡା ଗ୍ରାମବାସୀ ଶୌଚ ହେବାକୁ ଆସିଥିବାବେଳେ ମହିଳାଙ୍କ ମୃତଦେହ ଦେଖିଥିଲେ। ନଦୀ ପଠାରେ ଲୋକେ ମୃତଦେହ ସତ୍କାର କରୁଥିବାରୁ ଏପରି ସମସ୍ୟା ହେଉଛି। ନଦୀ ପଠାରେ ମକା ଚାଷ ଲାଗି ଆଡି ବନ୍ଧ କରାଯାଇଥିଲା। କିନ୍ତୁ ଗତ ରାତିରେ ଆଡିବନ୍ଧ ଭାଙ୍ଗିଯିବା ଯୋଗୁ ନଦୀ ପଠାରେ ସତ୍କାର କରାଯାଇଥିବା ମୃତଦେହଟି ବାହାରକୁ ଚାଲି ଆସିଥିବା ସନ୍ଦେହ କରାଯାଉଛି। ଖବରପାଇ ପାପଡାହାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋଷାଗୁମୁଡ଼ା, ୨୭।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ପରିସରରେ ସୋମବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ବିଡିଓ ଅକ୍ଷମିତା କାର୍ତ୍ତିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତମଣି ସମରଥ, ହିସାବରକ୍ଷକ ଅଧିକାରୀ ଜୟ ପ୍ରକାଶ ଦିଶାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅର୍ଥପେଡ଼ିକ୍‌ର ୧୩୪, ଶ୍ରବଣ ଦୋଷ ଥିବା ୪୧ ଜଣ ଦିବ୍ୟାଙ୍ଗ ଋଣ ପାଇଁ ଆବେଦନ କରିଥିଲେ। ୫ ଜଣଙ୍କୁ ଟ୍ରାଇ ସାଇକେଲ ଓ ୨ ଜଣଙ୍କୁ ହୁଇଲ୍ ଚେୟାର ବଣ୍ଟନ କରାଯାଇଥିଲା।

## ପତଞ୍ଜଳିର ବିଶେଷ ଯୋଗ ଶିବିର

ଜୟପୁର,୨୭।୧୨(ନି.ପ୍ର.)- ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପରେ ହରିଦ୍ୱାରରୁ ଆସିଥିବା ସ୍ୱାମୀ ବିପ୍ରଦେବ ଓ ସ୍ୱାମୀ ବିରେନ୍ଦ୍ର ଦେବଙ୍କ ନେତୃତ୍ୱରେ ସୋମବାର ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ପ୍ରାତଃ କାର୍ଯ୍ୟକ୍ରମରେ ଅଧାପକ ଦୟାନିଧି ବେନିଆଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ଛାତ୍ରୀ ଛାତ୍ର ଯାଗଦେଇ ଥିଲେ। ଯଜ୍ଞ ପ୍ରାଣାୟାମ ଔଷଧ ସେବନର ବିକଳ୍ପ ହେବାରେ ଲାଗିଛି ବୋଲି ଅତିଥିମାନେ କହିଥିଲେ। ଯୋଗ ସମିତି ଅଧ୍ୟକ୍ଷ ଅମ୍ବିକା ରଞ୍ଜନ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମହିଳା ପ୍ରଭାରୀ ଜାନକୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଭାରତ ସ୍ୱାଭିମାନ ନ୍ୟାସ ପ୍ରଭାରୀ ହରିହର କରସୁଧା ପଟ୍ଟନାୟକ, କୃଷକ ପ୍ରଭାରୀ ମଦନ ମୋହନ ନାୟକ, ଉଷା ମହାପାତ୍ର, ବିନୋଦିନୀ ଦାସ, ଭାଗିରଥୀ ପାଣି ପ୍ରମୁଖ ଯୋଗ ଦେଇଥିଲେ। କୃଷ୍ଣ ମୋହନ ଦୋରା ଓ କୁନା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ଡିପିଓ ଅଫିସ ଘେରାଉ, ରାସ୍ତା ଅବରୋଧ

- ୨୪ ଘଣ୍ଟାରେ ମଧ୍ୟରେ ଅଭିଯୁକ୍ତଙ୍କୁ ଧରିବା ଦାବି
- ସ୍ୱାମୀ, ପୁଅକୁ ବନ୍ଧୁକ ଦେଖାଇ ମହିଳାଙ୍କୁ ଗଣବଳତ୍କାର ଘଟଣା

ଜୟପୁର, ୨୭।୧୨ (ନି.ପ୍ର.)

ସ୍ୱାମୀ ଓ ପୁଅକୁ ବନ୍ଧୁକ ଦେଖାଇ ମହିଳାଙ୍କୁ ଗଣ ବଳାତ୍କାର ଘଟଣାର ଅଭିଯୁକ୍ତମାନଙ୍କୁ ଧରିବାକୁ ଦାବି ଜୋର ଧରିଛି। ସୋମବାର ଭାଜପା ନେତା ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଏସ୍‌ଡିପିଓ ଅଫିସ ଘେରାଉ କରିଛନ୍ତି। ଏଥିସହ ଜାତୀୟ ରାଜପଥ ବାମୁଣି ଗାଁ ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଛି। ପିଡିତାଙ୍କ ପରିବାର, ଗ୍ରାମବାସୀ ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି। ରାସ୍ତା ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକିଛି।

ଘଟଣାକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତ ଏବେବି ଖାଲି। ଅଭିଯୁକ୍ତମାନେ ଖୋଲାଖୋଲିଭାବେ ବୁଲୁଛନ୍ତି। ପୋଲିସ ପିଡିତାଙ୍କ ପରିବାର ଓ ଗ୍ରାମବାସୀଙ୍କୁ ସୁରକ୍ଷା ନ ଦେଇ ଚୁପ ବସିଛି। ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିବା ସହ ସାକ୍ଷୀଙ୍କୁ ଧମକ ଚମକ ଦେଉଛନ୍ତି। ପିଡିତାକୁ ନ୍ୟାୟ ମିଳୁନି। ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଭାଜପା ନେତା ଗୌତମ ସାମନ୍ତରାୟ କହିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ସମସ୍ତ ପ୍ରଶାନିକ ବ୍ୟବସ୍ଥାକୁ ଅଚଳ କରିବା ସହ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।


ପୀଡିତାଙ୍କ ପରିବାର, ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ଜୟପୁର ସଦର ଥାନା ଅଞ୍ଚଳରେ ସ୍ୱାମୀ ,ସ୍ତ୍ରୀ ଓ ପୁଅ ଶୋଇଥିବା ବେଳେ ୨ ଜଣ ଦୁର୍ବୃତ୍ତ ଘର ପଛ ପଟେ ପଶି ସ୍ୱାମୀଙ୍କୁ ନିହୁକ ମାଡ ମାରିଥିଲେ। ଏଥିସହ ପୁଅକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୁଅ ଓ ସ୍ୱାମୀଙ୍କୁ ବନ୍ଧୁକ ମୁନରେ ରଖି ମହିଳାଙ୍କୁ ୨ ଜଣ ଯୁବକ ବଳାତ୍କାର କରିଥିଲେ। ମହିଳା ଜଣକ ବିରୋଧ କରିବାକୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ମାରିଥିଲେ। ଏନେଇ ଦମ୍ପତି ଗ୍ରାମବାସୀଙ୍କୁ ଜଣାଇଥିଲେ। ଅଭିଯୋଗ ପାଇ ମହିଳା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କିରଛି। ପିଡିତାଙ୍କ ଘରକୁ ଯାଇ ସାଇଣ୍ଟିଫିକ୍ ଟିମ ତଦନ୍ତ କରି ଫେରିଥିବା ବେଳେ ଅଭିଯୁକ୍ତଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

## ସଫଳତା ପାଇଲେ ମୁନିଗୁଡ଼ାର ୩ ପ୍ରତିଯୋଗୀ

### କେବିକେ ବଡି ବିଲ୍ଡିଂ ଓ ଫିଟ୍‌ନେସ ପ୍ରତିଯୋଗିତା



ମୁନିଗୁଡ଼ା,୨୭।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲକ୍ଷ୍ମୀପୁରଠାରେ ଆୟୋଜିତ ମିଷ୍ଟର କେବିକେ ବଡି ବିଲ୍ଡିଂ ଓ ଫିଟ୍‌ନେସ ପ୍ରତିଯୋଗିତାରେ ରାୟଗଡ଼ା ଜିଲା ମୁନିଗୁଡ଼ାର ଯୁବକମାନେ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ମୁନିଗୁଡ଼ାର ମହେଶ ନାରସୁ ୭୦ରୁ ୭୫ କେଜି ଓଜନ ବିଭାଗରେ ତୃତୀୟ ସ୍ଥାନ, କୁନାଲ ଶବର ୬୫ ରୁ ୭୦ କେଜି ଓଜନ ବିଭାଗରେ ଦ୍ୱିତୀୟ ସ୍ଥାନ ଏବଂ ଚନ୍ଦନ ମାଣ୍ଡାଙ୍ଗୀ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ସଫଳ ପ୍ରତିଯୋଗୀମାନେ ମୁନିଗୁଡ଼ାଠାରେ କୋଚ୍ ଫରଚୁନ ନାୟକଙ୍କ ନିକଟରେ ଅଭ୍ୟାସ କରୁଥିଲେ। ପୂର୍ବରୁ ମଧ୍ୟ ମୁନିଗୁଡ଼ାର ଯୁବକମାନେ ବିଭିନ୍ନ ସ୍ଥାନରେ ଆୟୋଜିତ ବଡି ବିଲ୍ଡିଂ ଓ ଫିଟ୍‌ନେସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।

# ଇ-ଫାଇଲିଂ ଷ୍ଟେସନ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ଜୟପୁର/ ନବରଙ୍ଗପୁର, ୨୭।୧୨ (ନି.ପ୍ର./ ବି.ପ୍ର.)

ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲିଧର ସୋମବାର କୋରାପୁଟ ଓ ନବରଙ୍ଗପୁର ଜିଲା ଗ୍ରସ୍ତ କରିଛନ୍ତି। ସେଠାରେ ଇ-ଫାଇଲିଙ୍ଗ ଷ୍ଟେସନ ଉଦ୍‌ଘାଟନ କରିଛନ୍ତି।

କୋରାପୁଟ ଜିଲାର ଜୟପୁର ଜିଲା କୋର୍ଟ ପରିସରରେ ଇ-ଫାଇଲିଂ ଷ୍ଟେସନ ସହ ତାଲିମ ଶିବିର ଉଦ୍‌ଘାଟନ କରାଯାଇଛି। ଇ- ପାଇଲିଙ୍ଗ, କୋର୍ଟ ଫିଜ ସହ କୋର୍ଟର ଜାବତୀୟ ଅର୍ଥଦେୟ ସହ କୋର୍ଟ ସର୍ଭିସ ମୋବାଇଲ ଆପ୍ ଭରଚ୍ୟୁଆଲ ମୋଡ କିଭଳି ଯୋଗାଯୋଗ ଓ ଶୁଣାଣି ନେଇ କୋରାପୁଟ, ରାୟଗଡା ଓ ନବରଙ୍ଗପୁର ନ୍ୟାୟଳୟର ଜଜ୍‌ଙ୍କ ସହ ଆଲୋଚନା କରି ଉଦ୍‌ଘାଟନ କରିଥିଲେ। ଏ ନେଇ ଏକ ତାଲିମ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ କୋରାପୁଟ ଜିଲା ଜଜ୍ ସୌମେନ୍ଦ୍ର ରାଜଗୁରୁ, ଜିଲା ଓକିଲ ସଂଘ ସଭାପତି ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ୪୦ ଓକିଲଙ୍କୁ ତାଲିମ ଦିଆଯାଇଥିଲା।

ଅପରାହ୍ନ ୧ଟାରେ ସେ ନବରଙ୍ଗପୁର ପହଞ୍ଚି ଥିଲେ। ନବରଙ୍ଗପୁର ବିଚାରବିଭାଗୀୟ ଅଧିକାରୀଙ୍କ ସହ ଜିଲାର ଆଇନ ବ୍ୟବସ୍ଥା ସମ୍ବନ୍ଧୀୟ ବୈଠକରେ ଯୋଗ ଦେଇଥିଲେ। ପରେ ଜିଲା ଆଇନଜୀବୀ ସଂଘ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାର୍ଯ୍ୟକ୍ରମରେ ଯୋଗ ଦେଇ ଇ-ଫାଇଲିଂ କେନ୍ଦ୍ରର ଉପଯୋଗିତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସଂଘ ସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ପ୍ରକାଶ ଚନ୍ଦ୍ର ମିଶ୍ର, ହାଇକୋର୍ଟ ରେଜିଷ୍ଟ୍ରାର (ଭିଜିଲାନ୍ସ) ବିଶ୍ୱଜିତ ମହାନ୍ତି ଓ ଜିଲା ଓ ଦୌରା ଜଜ୍ ସଞ୍ଜୀବ ଦୁବେ ମଞ୍ଚାସୀନ ଥିଲେ। ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବାହ୍ନ ନବରଙ୍ଗପୁର ଇ-ଫାଇଲିଂ କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟରେ ନବରଙ୍ଗପୁର ପାଇଁ ଥିବା ପ୍ରଶାସନିକ ଜଜ୍ ମୃଗାଙ୍କ ଶେଖର ସାହୁ, ସଂଘ ଯୁଗ୍ମ ସମ୍ପାଦକ ସନ୍ତୋଷ ନାୟକ, କୋଷାଧ୍ୟକ୍ଷ ବିଧୁ ଶେଖର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


ନବରଙ୍ଗପୁରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଅନ୍ୟ ଅତିଥିମାନେ ।

# ୨ ହଜାର କୁଇଣ୍ଟାଲ ଧାନ କିଣା ଲକ୍ଷ୍ୟ

**ନାରାୟଣପାଟଣା ଲ୍ୟାମ୍ପସରେ ଧାନ ମଣ୍ଡି ଉଦଘାଟିତ**

ନାରାୟଣପାଟଣା,୨୭।୧୨(ଡି.ଏନ୍.ଏ.)

ନାରାୟଣପାଟଣା ଲ୍ୟାମ୍ପ୍‌ସରେ ସୋମବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଏଆରସିଏସ୍ କପିଳେନ୍ଦ୍ର ସସାମଲ, ନାରାୟଣପାଟଣା ଜିଲାପରିଷଦ ସଦସ୍ୟ ଲଳିତ ନାରାୟଣ ପରିଡ଼ା, କୃଷି ଅଧିକାରୀ ଗାବ୍ରିଏଲ୍ ଡୁଙ୍ଗଡୁଙ୍ଗ, ଯୋଗାଣ ନିରୀକ୍ଷକ ମାନସ ସୁନା, ବ୍ଲକ୍ ବିଜେଡି ସଭାପତି ଏସ୍. ଏଗି ନାରାୟଣ, ଆରଏମସି ରମାକାନ୍ତ କଂସାରୀ ଉପସ୍ଥିତ ଥିଲେ। ନାରାୟଣ ପାଟଣା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ କୃଷ ସିରିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଣ୍ଡିରେ ଧାନ କିଣା ସମୟରେ ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଚାଷୀମାନଙ୍କ ଠାରୁ ଖରିଫ ଧାନ କ୍ରୟ ନିମନ୍ତେ ନାରାୟଣପାଟଣା ବ୍ଲକରେ ନାରାୟଣପାଟଣା ଲ୍ୟାମ୍ପ୍‌ସ, ପୋଡାପଦର ଏବଂ ବାଲିପେଟାରେ ମଣ୍ଡି ଖୋଲା ଯାଇଛି। ନାରାୟଣପାଟଣା ଲ୍ୟାମ୍ପ୍‌ସରେ ନାରାୟଣପାଟଣା, କୁମ୍ଭାରୀ, ବୋରିଗି ଏବଂ ଲଙ୍ଗଳବେଡା ପଞ୍ଚାୟତର ଚାଷୀ ମାନଙ୍କ ଠାରୁ ପ୍ରତି ସପ୍ତାହରେ ସୋମବାର ଓ ମଙ୍ଗଳବାର ଦିନ ଧାନ କିଣାଯିବ। ସେହିପରି ପୋଡାପଦର ମଣ୍ଡିରେ ବୁଧବାର ଏବଂ ଗୁରୁବାର ସଦର, ତଳଗୁମାଣ୍ଡି ପଞ୍ଚାୟତଚାଷୀଙ୍କଠାରୁ ଧାନ କିଣାଯିବ। ବାଲିପେଟା ମଣ୍ଡିରେ ଶୁକ୍ରବାର ଦିନ ବାଲିପେଟା, ତେନ୍ତୁଳିପଦର ଏବଂ ବିଜାଘାଟି ପଞ୍ଚାୟତ ଚାଷୀଙ୍କ ଠାରୁ ଧାନ କିଣାଯିବ ବୋଲି ଲ୍ୟାମ୍ପ୍‌ସ କର୍ମଚାରୀ କହିଛନ୍ତି। ନାରାୟଣ ପାଟଣା ପାଇଁ ପଞ୍ଚଡାର ମିଲରଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨ହଜାର କୁଇଣ୍ଟାଲ ଧାନ କିଣାଯିବା ଟାର୍ଗେଟ ଆସିଥିବା ଲ୍ୟାମ୍ପ୍‌ସ ଏମ୍‌ଡି କହିଛନ୍ତି।


ଧାନମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବିଧାୟକ ଓ ଅନ୍ୟମାନେ ।

## ସ୍ମୃତିରଞ୍ଜନ, ବାଲାରାଜୁଙ୍କ ନିଲମ୍ବନ ପ୍ରତ୍ୟାହାର

ମାଥିଲି,୨୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଦସ୍ୟ ସ୍ମୃତିରଞ୍ଜନ ଓ ତାଙ୍କ ସହଯୋଗୀ ତଥା ଜିଲା ପରିଷଦ ସଭ୍ୟ ବାଲାରାଜୁ କପେଙ୍କ ଉପରୁ ସୋମବାର ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର ଜଣାଇଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦୁଇ ନେତାଙ୍କୁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଥିଲା। ସାଧାରଣ ନିର୍ବାଚନ ସମୟରେ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତାକୁ ସ୍ମୃତିରଞ୍ଜନ ଦୃଢ ନିନ୍ଦା କରିଥିବା ବେଳେ ଏ ସମୟରେ କଂଗ୍ରେସର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ସହ ତାଙ୍କର ମତାନ୍ତର ହୋଇଥିଲା। ପ୍ରଦୀପ ମାଝୀଙ୍କ ସୁପାରିଶ କ୍ରମେ ତାଙ୍କୁ ଜିଲା ସଭାପତି ସେ ସମୟରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ନେଇ ସୂଚନା ଦେଇଥିଲେ। ଏବେ ପୁଣି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶରେ ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି।

# କଟ୍‌ନି ଛଟ୍‌ନିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

- ଧାନମଣ୍ଡି ଆରମ୍ଭର ବିବାଦ
- କମ୍ ଟୋକନ ପ୍ରତିବାଦରେ ଉପଜିଲାପାଳଙ୍କୁ ଦାବିପତ୍ର

ଗୁଣପୁର,୨୭।୧୨(ଡି.ଏନ୍.ଏ.)

ଧାନମଣ୍ଡି ଆରମ୍ଭରୁ ବିବାଦ। ପର୍ଯ୍ୟାପ୍ତ ସଂଖ୍ୟାରେ ଟୋକନ ଆସି ନ ଥିବାରୁ ବଳକା ଧାନକୁ ନେଇ କ'ଣ କରିବେ ସେ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ମଣ୍ଡିକୁ ଗଲେ କଟ୍‌ନି ଛଟ୍‌ନି ପାଇଁ କୁହାଯାଉଛି। ଫଳରେ ଚାଷୀ ଉତ୍ପାଦିତ ଧାନକୁ ନେଇ ଏବେ ସମସ୍ୟାରେ ପଡ଼ିଛନ୍ତି। ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଗାଦିଆଖଳା ପଞ୍ଚାୟତର ଚାଷୀଙ୍କ କ୍ଷେତ୍ରରେ ଏଭଳି ଘଟିଛି। ଡିସେମ୍ବର ୨୦ରେ ମଣ୍ଡି ଆରମ୍ଭ ହୋଇଥିବାବେଳେ ୨୭ରେ ଦ୍ୱିତୀୟ ଥର ପାଇଁ ଆର୍‌ଏମ୍‌ସିଠାରେ ମଣ୍ଡିରେ ଧାନ କିଣାଯାଇଛି। ତେବେ ମଣ୍ଡିରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଚାଷୀଙ୍କ ଅଭିଯୋଗ ହେଲା, ସେପ୍ଟେମ୍ବରରେ ସେମାନେ ଲ୍ୟାମ୍ପ୍‌ସରେ ନାମ ପଞ୍ଜୀକରଣ କରିଥିଲେ। କିନ୍ତୁ ପଞ୍ଜୀକୃତ ଜମିର ପରିମାଣ ଅନୁଯାୟୀ ସେମାନଙ୍କୁ ଧାନ ବିକ୍ରୟ ପାଇଁ ଟୋକନ ଆସିନାହିଁ। ଧାନ ବେଶି ଅମଳ ହୋଇଥିବା ସହ ଚାଷୀଙ୍କ ସଂଖ୍ୟା ମଧ୍ୟ ଅଧିକ ରହିଛି। କିନ୍ତୁ ନିର୍ଦ୍ଧାରିତ ସଂଖ୍ୟାଠାରୁ କମ୍ ସଂଖ୍ୟାରେ ଟୋକନ ଚାଷୀ ପାଇଛନ୍ତି। ଏପରି ସ୍ଥଳେ ବଳକା ଧାନ କାହାକୁ ବିକିବେ ନା ସରକାର ଉଠାଇବେ ତାହା ଜଣାଇବାକୁ ସେମାନେ ଦାବି କରିଛନ୍ତି। ପ୍ରଶାସନ ତଥା ସରକାର ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟିଦେଇ ଅଧିକ ଅମଳ ଧାନକୁ ବାହାରେ ବିକ୍ରିପାଇଁ ଅନୁମତି ଦିଅନ୍ତୁ ବୋଲି ଚାଷୀମାନେ ଦବି କରିଛନ୍ତି। ଏହି କ୍ରମରେ ସୋମବାର ଚାଷୀମାନେ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଡେପୁଟି କଲେକ୍ଟର ନିରଞ୍ଜନ ନାୟକଙ୍କୁ ପ୍ରଦାନ କରିଛନ୍ତି।


ଡେପୁଟି କଲେକ୍ଟର ଦାବିପତ୍ର ଗ୍ରହଣ କରୁଛନ୍ତି।

# ବର୍ଷାଜଳର ସଦୁପଯୋଗ ନେଇ ସଚେତନତା


କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମ ସଭାପତି ଓ ଅନ୍ୟମାନେ ।

କାଲିମେଲା/ମାଲକାନଗିରି, ୨୭।୧୨(ଡି.ଏନ୍.ଏ.)

ବର୍ଷା ଜଳକୁ ସଂରକ୍ଷଣ କରାଯାଇ କିପରି ବ୍ୟବହାର ଉପଯାଗୀ କରାଯାଇପାରିବ ସେ ନେଇ ମାଲକାନଗିରି ଜିଲା କାଲିମେଲା ବ୍ଲକ କଇମେଟଲା ପଞ୍ଚାୟତର ଏମ୍‌ପିଭି- ୬୨ ଗ୍ରାମର ଯୁବସଂଘ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରିସ୍ଥିତ ନେହେରୁ ଯୁବକେନ୍ଦ୍ର ସହାୟତାରେ ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଶିଶୁମାନଙ୍କୁ ନେଇ ଜଳ ସଂରକ୍ଷଣ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଗ୍ରାମ ସଭାପତି ଗୋକୁଳ ମଜୁମଦାର, ସାମାଜିକ କର୍ମୀ ସୌରଭ ମଣ୍ଡଳ, ଦୀନବନ୍ଧୁ ଦଳାଇ, କାଲିମେଲା ବ୍ଲକର ସ୍ୱେଚ୍ଛାସେବୀ ସୁମିତ ରାୟ ପ୍ରମୁଖ ଯୋଗଦେଇ ବର୍ଷା ଜଳର ସୁବିନିଯୋଗ ଉପରେ ଆଲୋକପାତ କରିଥିଲେ। ପରେ ଶିଶୁ କଳାକାର ମାନେ ନାଟକ ଏବଂ ବକ୍ତୃତା ମାଧ୍ୟମରେ ଜଳ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। କୃତୀ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବକ ସଂଘର ସଭାପତି ଶରତ ମଣ୍ଡଳ, ସମ୍ପାଦକ ସୁକାନ୍ତ ମଣ୍ଡଳଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ୨ ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

ରାୟଗଡ଼ା ଅଫିସ,୨୭।୧୨

ରାୟଗଡ଼ା ସହରରେ ତାଲା ପଡ଼ିଥିବା ଘର ଏବେ ଲୁଟେରାଙ୍କ ଟାର୍ଗେଟ ହୋଇଛି। ରବିବାର ରାତିରେ ସହରରେ ପୃଥକ ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସହରର ମୁଖ୍ୟରାସ୍ତା ସ୍ଥିତ ବି. ସତ୍ୟନାରାୟଣାଙ୍କ ଘରେ ଦୁର୍ବୃତ୍ତମାନେ ପଶି କଳାକନା ବୁଲାଇଛନ୍ତି। ୭୦ ହଜାର ଟଙ୍କା ସହ ୧ ତୋଳା ସୁନା ଅଳଙ୍କାର ଓ ଟିଭି ଚୋରି କରି ନେଇଛନ୍ତି। ସେହିପରି କରଣ ସାହିର ଡି. କୁମାରସ୍ୱାମୀଙ୍କ ଘରେ କେହି ନ ଥିବା ଦେଖି ୫୦ ହଜାର ଟଙ୍କା ସହ ମୂଲ୍ୟବାନ ନଥିପତ୍ର ଚୋରି କରିଛନ୍ତି। ଟାଉନ୍ ଥାନା ପୋଲିସ ଦୁଇ ଘଟଣାର ତଦନ୍ତ ଚଳାଇଛି। ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି।

# ଖୁଦଭଟା ଅଙ୍ଗନୱାଡି କର୍ମୀଙ୍କ ବହିଷ୍କାର ଦାବି

ଗୁଣପୁର,୨୭।୧୨(ଡି.ଏନ୍.ଏ.)-

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ପେଦିଆପଡ଼ା ପଞ୍ଚାୟତର ଖୁଦଭଟା ଅଙ୍ଗନୱାଡି କର୍ମୀଙ୍କୁ ବହିଷ୍କାର ଦାବି ହୋଇଛି। ଅଙ୍ଗନୱାଡି କର୍ମୀ ଜଣଙ୍କ ଠିକ୍‌ଭାବେ ସେବା ଯୋଗାଉ ନ ଥିବା ଏବଂ ନିଜ କାର୍ଯ୍ୟ ସୁଚାରୁ ରୂପେ ତୁଲାଉ ନ ଥିବା ଅଭିଯୋଗ କରି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗତ ୨୨ ତାରିଖରେ ଗ୍ରାମବାସୀ ଗୁଣପୁର ଆସି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ଅଙ୍ଗନୱାଡି କର୍ମୀଙ୍କ ବହିଷ୍କାର ଦାବି କରିଥିଲେ। ଏହି ଘଟଣାର ଅଗ୍ରଗତି ନେଇ ସୋମବାର ପୁଣି ଗ୍ରାମବାସୀ ଡେପୁଟି କଲେକ୍ଟର ନିରଞ୍ଜନ ନାୟକଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ଉକ୍ତ ମିନି ଅଙ୍ଗନୱାଡି କେନ୍ଦ୍ରକୁ ତାଲା ପକାଇଥିବାବେଳେ ଘଟଣାର ସମସ୍ତ ବିଷୟ ଅନୁଧ୍ୟାନ କରି ତଦନ୍ତ ରିପୋର୍ଟ ଦେବାକୁ ତହସିଲଦାରଙ୍କୁ କୁହାଯାଇଥିବା ଡେପୁଟି କଲେକ୍ଟର କହିଛନ୍ତି। ଅନ୍ୟପକ୍ଷରେ ଅଙ୍ଗନୱାଡି କର୍ମୀଙ୍କୁ ବହିଷ୍କାର କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ରାମଚନ୍ଦ୍ର ହୁଇକା, ସୁରେନ୍ଦ୍ର ହୁଇକା, ବାଲାଜି ହୁଇକା, ରେଲି ହୁଇକା, କୁମୁଟି ହୁଇକା ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ଗ୍ରାମବାସୀ ଡେପୁଟି କଲେକ୍ଟରଙ୍କ ସହ ଆଲୋଚନା କରୁଛନ୍ତି।

# ମିଳିମିଶି ନଦୀ ଉପରେ ତିଆରି କଲେ କାଠପୋଲ

- ଜିଆର୍‌ଏସ୍ ଟଙ୍କା ଦେଲେ, ଗ୍ରାମବାସୀଙ୍କ ଶ୍ରମଦାନ
- ପ୍ରଶାସନ, ରାଜନେତା ଶୁଣିଲେନି

ଟିକିରି/ରାୟଗଡ଼ା ଅଫିସ, ୨୭।୧୨ (ଡି.ଏନ୍.ଏ.)

ଇଚ୍ଛାଶକ୍ତି ଏବଂ ଉଦ୍ୟମ ବଳରେ ଯେ କୌଣସି କାର୍ଯ୍ୟ ସମ୍ଭବ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କାଶିପୁର ବ୍ଲକରେ। ଯେଉଁ କାମ ନେତା ମନ୍ତ୍ରୀ ଓ ପ୍ରଶାସନ ଦ୍ୱାରା କରାଯିବାର ଆବଶ୍ୟକ ଥିଲା ତାହାକୁ ଗ୍ରାମବାସୀ ଏବଂ ଜଣେ ଜିଆର୍‌ଏସ୍ ମିଶି କରି ଦେଖାଇଛନ୍ତି। ଯାତାୟାତର ସୁବିଧା ପାଇଁ ଗୋଡ଼ିବାଲି ପଞ୍ଚାୟତର ପଣସଗୁଡ଼ା ଗ୍ରାମ ନଦୀ ଉପରେ କାଠ ପୋଲ ତିଆରି କରିଛନ୍ତି।

ସୂଚନାଯୋଗ୍ୟ, କାଶିପୁର ଓ କଲ୍ୟାଣସିଂହପୁର ବ୍ଲକ ସୀମାରେ ଥିବା ପଣସଗୁଡ଼ା ଓ ପୁଷଘାଟି ଗ୍ରାମବାସୀ ମୁଖ୍ୟରାସ୍ତାକୁ ଯୋଗାଯୋଗରୁ ବିଚ୍ଛିନ୍ନ ରହିଥିଲେ। କିଣାବିକା ଏବଂ ଅନ୍ୟ ଜରୁରୀ କାମ ପାଇଁ ଗାଁ ଲୋକେ କଲ୍ୟାଣସିଂହପୁର ବ୍ଲକର ସିକରପାଇ ଓ ମାଝିଗୁଡ଼ା ହାଟ ଉପରେ ନିର୍ଭର କରୁଥିବାବେଳେ ସ୍କୁଲ ଯିବାକୁ ମଧ୍ୟ ଦୁଇ ଗ୍ରାମର ପିଲା ନଦୀ ପାର ହୋଇ ଯାଉଥିଲେ। ବର୍ଷାଦିନେ ଗ୍ରାମବାସୀ ଯୋଗାଯୋଗରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେଉଥିଲେ। ଏ ନେଇ ଅନେକ ସରକାରୀ କାର୍ଯ୍ୟାଳୟକୁ ଗ୍ରାମବାସୀ ଯାଇ ସମସ୍ୟା ଜଣାଇବା ସହ ପୋଲ ନର୍ମାଣ ପାଇଁ ଦାବିପତ୍ର ଦେଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ନେତା ଓ ମନ୍ତ୍ରୀଙ୍କୁ ଭେଟି ଜଣାଇଥିଲେ ମଧ୍ୟ ପୋଲ ନିର୍ମାଣ ହୋଇପାରି ନ ଥିଲା। ଗ୍ରାମବାସୀ ଏହାକୁ ନେଇ ନିରାଶ ହୋଇପଡ଼ିଥିବାବେଳେ ପୁଷଘାଟି ଗାଁର ଶ୍ୟାମଧର କୁଲଶିକା ନିଜ ଗାଁ ଲୋକଙ୍କ ସୁବିଧା ପାଇଁ ସେ ଆଗକୁ ଆସିଥିଲେ। ମାଣ୍ଡିବିଶି ପଞ୍ଚାୟତରେ ଜିଆର୍‌ଏସ୍ ଥିବା ଶ୍ୟାମଧର ନଦୀ ଉପରେ ଏକ ଅସ୍ଥାୟୀ କାଠ ପୋଲ ନିର୍ମାଣ ପାଇଁ ଗାଁ ଲୋକଙ୍କୁ ଡାକି ପ୍ରସ୍ତାବ ଦେଇଥିଲେ। ଅଞ୍ଚଳବାସୀ ସହମତି ପ୍ରକାଶ କରି ପୋଲ ନିର୍ମାଣ ପାଇଁ ଶ୍ରମଦାନ କରିଥିଲେ। ଶ୍ୟାମଧର ନିଜ ଅର୍ଜିତ ଟଙ୍କା ଏବଂ ଅନ୍ୟ ସମ୍ପର୍କୀୟଙ୍କ ଠାରୁ ଧାର ନେଇ ପୋଲ ନିର୍ମାଣରେ ଲଗାଇଥିଲେ। ସିମେଣ୍ଟ, ବାଲି ଓ ମେଟାଲରେ ଶକ୍ତ ପିଲାର ଦେବାପରେ ତାହା ଉପରେ କାଠର ଛାତ ପକାଇଥିଲେ। ଗ୍ରାମବାସୀ ଏବଂ ଶ୍ୟମଧରଙ୍କ ଉଦ୍ୟମରେ ପୋଲକାମ ସରିଥିବାବେଳେ ରବିବାର ଉକ୍ତ ଅସ୍ଥାୟୀ କାଠ ପୋଲ ଉଦ୍‌ଘାଟିତ ହୋଇଛି। କୌଣସି ମନ୍ତ୍ରୀ କିମ୍ବା ନେତା ବଦଳରେ ବରିଷ୍ଠ ଚାଷୀ ଜାଗାମ ନାୟକଙ୍କ ହାତରେ ଏହାର ଶୁଭ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏଭଳି ଏକ ମହତ କାର୍ଯ୍ୟ ପାଇଁ ଉଭୟ ଜିଆର୍‌ଏସ୍ ଏବଂ ଗ୍ରାମବାସୀ ଜିଲାରେ ପ୍ରଶଂସାର ପାତ୍ର ହୋଇଛନ୍ତି।


ପଣସଗୁଡ଼ା ନଦୀ ଉପରେ ତିଆରି ଅସ୍ଥାୟୀ ପୋଲ।

# ଛତୁଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି ଆଦିବାସୀ ମହିଳା

■ ତାଲିମ ସହ ସହାୟତା ଯୋଗାଇ ଦେଲା ବନ ଓ ଉଦ୍ୟାନ ବିଭାଗ

■ କୁକୁଡ଼ା ଚାଷ ପାଇ ମଧ ମିଳିଛି ୨ଲକ୍ଷ ଟଙ୍କା ସହାୟତା

ଉମରକୋଟ, ୨୭।୧୨(ସ୍ୱ.ପ୍ର.)

ମୂଲ ଲାଗି ପରିବାର ପାଇଁ ଦାନା ଯୋଗଡ଼ କରିବା ଥିଲା ଆଦିବାସୀ ଅଧ୍ୟୁଷିତ ମହିଳାଙ୍କ ମୁଖ୍ୟ ଉପାର୍ଜନ ମାର୍ଗ। କିନ୍ତୁ ଏବେ ବଦଳି ଯାଇଛି ସମୟ। ବଣ ଜଙ୍ଗଲ ଘେରା ଉମରକୋଟ ସିରାଗୁଡା ଗ୍ରାମର ଆଦିବାସୀ ମହିଳାଙ୍କୁ ବନ ବିଭାଗ ଓ ଉଦ୍ୟାନ ବିଭାଗ ଦେଇଛି ସ୍ୱତନ୍ତ୍ର ପରିଚୟ। ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଚେଷ୍ଟା କରି ଆସୁଛନ୍ତି। ଏହାର ସଫଳ ରୂପାୟନ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବେହେଡା ପଞ୍ଚାୟତ ଅଧୀନ ସିରାଗୁଡା ଗ୍ରାମରେ। ଗ୍ରାମର ମା' ପେଣ୍ଡ୍ରାଣୀ, ମା ତ୍ରିବେଣୀ, ମା ଗାଦିଘସେନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନିଜେ ରୋଜଗାରକ୍ଷମ ହେବା ସହିତ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି। କରୋନା ଭଳି ମହାମାରୀ ସମୟରେ ପାଇଛନ୍ତି ସରକାରୀ ସହାୟତା ଏବଂ ଛତୁ ଚାଷ କରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିଛନ୍ତି।

ବନ ବିଭାଗର 'ଆମ ଜଙ୍ଗଲ' ଯୋଜନାରେ ଛତୁ ଚାଷ ପାଇଁ ଉଦ୍ୟାନ ବିଭାଗ ତରଫରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ ବିକାଶ ସଙ୍ଗଠନର ଟିମ୍ ଲିଡ଼ର ସରୋଜ ଦଳେଇଙ୍କ ପ୍ରଚେଷ୍ଟାରେ ମହିଳାମାନଙ୍କୁ ଛତୁ ଚାଷ ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ପରେ ସେମାନେ ଛତୁ ଚାଷ ଆରମ୍ଭ କରିଥିଲେ। ଦୈନିକ ୩ରୁ ୫ କେଜି ଲେଖାଏ ଛତୁ ଉତ୍ପାଦନ କରି ପାରୁଛନ୍ତି। ଉକ୍ତ



ମହିଳାମାନେ ସେମାନଙ୍କ ଛତୁ ଫସଲ ଦେଖାଉଛନ୍ତି।

ଛତୁ କିଲୋ ପିଛା ୨୦୦ ଟଙ୍କାରେ ବିକ୍ରି କରାଯାଉଛି। ସେମାନେ ଉକ୍ତ ଟଙ୍କାରେ ପରିବାର ପୋଷଣ ସହ ଭବିଷ୍ୟତ ପାଇଁ ସଞ୍ଚୟ ମଧ କରୁଛନ୍ତି।

କରୋନା ମହାମାରୀ ସମସ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଅନୁଦାନ ପୁଣି ଥରେ ଆର୍ଥିକ ସ୍ଥିତି ସୁଧାରିବାରେ ସାହାଯ୍ୟ କରିଛି । ଦିନେ ଛତୁ ଚାଷ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ଏହି ଆଦିବାସୀ ମହିଳାମାନେ ବର୍ତ୍ତମାନ ରୋଜଗାର ଏକ ନୂତନ ପନ୍ଥା ପାଇ ବେଶ୍ ଖୁସି ଅଛନ୍ତି। ମହିଳାମାନେ ରାଜ୍ୟ ସରକାରଙ୍କ ସହ ଉମରକୋଟ ବନଖଣ୍ଡ ଅଧିକାରୀ, ଉଦ୍ୟାନ ବିଭାଗ, ଗ୍ରାମ୍ୟ ବିକାସ ସଙ୍ଗଠନକୁ ଧନ୍ୟବାଦ ଜଣାଇଛନ୍ତି। ଉମରକୋଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି ବର୍ତ୍ତମାନ ତିନିଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଛତୁ ଚାଷ ପାଇଁ ବନ ବିଭାଗ ଓ ଉଦ୍ୟାନ ବିଭାଗ ତରଫରୁ ସାହାଯ୍ୟ କରାଯାଇଛି। କୁକୁଡ଼ା ଚାଷ ପାଇଁ ବି ୨ଲକ୍ଷ ଟଙ୍କା ଦିଆଯାଇଥିବା ବନଖଣ୍ଡ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### କୁକୁଡ଼ା ଲଢେଇ ଖେଳ ବେଳେ ଚଢ଼ାଉ, ୧୦ ଗିରଫ



ବୈପାରୀଗୁଡା, ୨୭।୧୨- ବୈପାରୀଗୁଡା ଥାନା ଅଧୀନ ଘଷର୍ଡାରେ କୁକୁଡା ଲଢେଇ ଖେଳ ଚାଲୁଥିବାବେଳେ ବୈପାରୀଗୁଡା ଓ ଜୟପୁର ସଦର ଥାନା ପୋଲିସ ମିଳିତ ଭାବେ ଚଢାଉ କରିଥିଲେ। ସେମାନେ ଘଟଣାସ୍ଥଳରୁ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଘଟଣାସ୍ଥଳରୁ କୁକୁଡା, ନଗଦ ୩୪ ହଜାର ୪୧୦ ଟଙ୍କା ଓ ଖେଳରେ ବ୍ୟବହୃତ ଅନ୍ୟ ସାମଗ୍ରୀ ସବୁ ଜବତ କରଯାଇଛି। କେସ୍ ନଂ ୨୨୦/୨୧ରେ ମାମଲା ରୁଜୁ ହୋଇଥିବା ବୈପାରୀଗୁଡା ଥାନାଧିକାରୀ ଇଶ୍ୱର ଟାଣ୍ଡି କହିଛନ୍ତି।

### ମଶାଣି ଉନ୍ନତୀକରଣ ନେଇ ଆଲୋଚନା

ରାଇଘର, ୨୭।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ ମଶାଣୀ ପରିସରରେ ଶବ ଦାହ ଗୃହ କାର୍ଯ୍ୟ ଆରମ୍ଭ ହୋଇଛି। କମିଟିର ସଦସ୍ୟ ଭବାନୀ ନାୟକ, କିରଣ ପଟ୍ଟନାୟକ, ଶ୍ରୀରାମ ସୁନାନୀଙ୍କ ସମେତ ଅନ୍ୟ ପ୍ରମୁଖ ସଦସ୍ୟମାନେ ଗୃହ ନିର୍ମାଣ କାର୍ଯ୍ୟର ଶୁଭ ଦେଇଥିଲେ। ମଶାଣି ପରିସରରେ ବଗିଚା ସହ ବାଉଣ୍ଡ୍ରି ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। ଗୃହ ନିର୍ମାଣ କାର୍ଯ୍ୟ ନିମନ୍ତେ ଉମରକୋଟ ବିଧାୟକ ପାଣ୍ଠିରୁ ତିନି ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। ଗ୍ରାମ ମଶାଣିର ଉନ୍ନତି କରଣ ନିମନ୍ତେ ନବରଙ୍ଗପୁର ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆ ଯାଇଥିଲା।

### ସାମାଜିକ କର୍ମୀ ଲଳିତ ମୋହନ ସମ୍ମାନିତ



କୋରାପୁଟ,୨୭।୧୨(ସ୍ୱ.ପ୍ର.)- ଟାଇମ୍ସ ୱାନ ଓଡିଆ ପକ୍ଷରୁ ଶ୍ରେଷ୍ଠ ସମାଜିକ କର୍ମୀଭାବେ କୋରାପୁଟ ଜିଲାର ସମାଜିକ କର୍ମୀ ଲଳିତ ମୋହନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ଭୁବେନେଶ୍ୱରଠାରେ ଟାଇମ୍ସ ୱାନ ଓଡିଆର ଏମ୍‌ଡି ଅକ୍ଷୟ କୁମାର ଚାନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଲଳିତ ମୋହନ ପଟ୍ଟନାୟକଙ୍କୁ ମାନପତ୍ର ପ୍ରଦାନ କରିଛନ୍ତି। ଲଳିତ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଗନ୍ନାଥ ଚେତନା ସମିତି ମାଧମରେ ରାଜ୍ୟରେ ଶତାଧିକ ଭାଗବତ ଟୁଙ୍ଗି ପ୍ରତିଷ୍ଠା କରିବା ସହିତ ସନାତନ ଧର୍ମ ପ୍ରଚାର କରୁଛନ୍ତି। ସେ ଅବିଭକ୍ତ କୋରାପୁଟ ଜିଲାରେ ବହୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଛନ୍ତି। କାର୍ଯ୍ୟକ୍ରମରେ ବିଜେଡିର ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ରାଜ୍ୟ ଏସ୍‌ସି-ଏସ୍‌ଟି ଉନ୍ନୟନ ଯୁଗ୍ମ ସଚିବ ଡକ୍ଟର ଶ୍ୱେତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଖଲିଗଡେନ ମନ୍ଦିର ରତ୍ନମୁଦ ସ୍ଥାପନ

ଚନ୍ଦାହାଣ୍ଡି, ୨୭।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ତେନ୍ତୁଳିପଡା ଗ୍ରାମରେ ଥିବା ପ୍ରତ୍ୟକ୍ଷ ଦେବୀ ମା ଖଲିଗଡେନଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଡମ୍ବୁ ନିଆଲ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନିଆଲ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଦେବୀ ପୂଜାରୀ ଚୈତନ୍ୟ ପୂଜାରୀ, କଳାହାଣ୍ଡିର ନିରାକାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଗ୍ରାମର ସଂକୀର୍ତନ ଦଳ ଭାଗ ନେଇଥିଲେ। ରବିବାର କଳସ ଯାତ୍ରା ହୋଇଥିବା ବେଳେ ମା' ଙ୍କ ପ୍ରତୀକଙ୍କୁ ତେନ୍ତୁଳିପଡା, ବଡମୁଣ୍ଡା, ବୋରିଗୁଡା ଗ୍ରାମ ପରିକ୍ରମା କରାଯାଇଥିଲା। ରତ୍ନମୁଦ ଉତ୍ସବରେ ବହୁ ଭକ୍ତଙ୍କ ସମାବେଶ ହୋଇଥିବା ବେଳେ ବହୁ ମାନସିକଧାରୀ ମନ୍ଦିର ରତ୍ନମୁଦରେ ସୁନା ରୂପା ଅଳଙ୍କାର ପକାଇଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ଜଗତ, ଧୀରେନ୍ଦ୍ର ଜଗତ, ଶ୍ୟାମଘନ ବେମାଲ, ଗୋରେଖ ନାଥ ପୂଜାରୀ, ଟିକରାମ ସୁନା, ଯଦୁ ଝରିଆ, ବାସୁଦେବ ସୁନା, ଦେବିସିଂ ମାଝି ଙ୍କ ସହ ବଡମୁଣ୍ଡା, ବୋରିଗୁଡା, ତେନ୍ତୁଳିପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ।

## ଜାତୀୟ ଫୁଟଶାଲ ଚମ୍ପିୟନଶିପ୍‌ରେ ଗୁଣପୁରର ୩ ଖେଳାଳି

ଗୁଣପୁର,୨୭।୧୨(ଡି.ଏନ୍.ଏ.)

ଜାତୀୟ ଫୁଟଶାଲ ଚମ୍ପିୟନଶିପ୍-୨୦୨୧ ପାଇଁ ଓଡ଼ିଶାରୁ ୮ ଖେଳାଳି ମନୋନିତ ହୋଇଛନ୍ତି। ସେଥିମଧ୍ୟରୁ ଗୁଣପୁରରୁ ୩ ଜଣ ଖେଳାଳି ରହିଛନ୍ତି। ଏହା ଗୁଣପୁର ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଛି। ଗୁଣପୁର ଅଞ୍ଚଳର ଖେଳାଳିମାନେ ହେଲେ ଗୁଣପୁର କଲେଜର ବ୍ରଜେଶରାଜ ଭୂଲ୍ତା, ଗାନ୍ଧୀ ପବ୍ଲିକ ସ୍କୁଲର ଶ୍ରିତିଜ୍ ମିଶ୍ର ଏବଂ ଜିଆଇଇଟି ବିଶ୍ୱବିଦ୍ୟାଳୟର ଅମର ନାଥ ପଣ୍ଡା। ଭାରତୀୟ ଫୁଟଶାଲ ଫେଡେରେଶନ ଦ୍ୱାରା ଡିସେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ତିନି ଦିନ ଧରି ଅହମ୍ମଦାବାଦଠାରେ ଏହି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଗୁଣପୁରର ଏହି ଖେଳାଳିମାନଙ୍କୁ ସ୍ଥାନୀୟ କ୍ରିଡ଼ା ଶିକ୍ଷକ ରବିନ୍ଦ୍ର ପଣ୍ଡା, ଆଦିତ୍ୟ ମହାକୁଡ, ଶିଶିର କୁମାର ଦଣ୍ଡସେନା, ମନୋଜ ପ୍ରଧାନ, ଶେଖମୁନା, ନରେନ୍ଦ୍ର ଟାକିରି, ସପନ ଦାସ, ରମାକାନ୍ତ ପାତ୍ର, ଜୟକୃଷ୍ଣ ପାତ୍ର ଓ ଦେବ ପ୍ରସାଦ ପାଢ଼ୀ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

## ଇଣ୍ଟର କଲେଜ ଆଥ୍‌ଲେଟ ମିଟ୍‌ରେ ଉମରକୋଟକୁ ୧୭ ପଦକ

କଲେଜରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ଉମରକୋଟ, ୨୭।୧୨(ସ୍ୱ.ପ୍ର.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ହୋଇଥିବା ଇଣ୍ଟର କଲେଜ ଆଥ୍‌ଲେଟ ପ୍ରତିଯୋଗିତାରେ ଉମରକୋଟ ପେଣ୍ଡ୍ରାଣୀ କଲେଜ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ମହିଳା ବର୍ଗକୁ ଦଳଗତ ଚାମ୍ପିୟନର ପଦକ ଦିଆଯାଇଛି। ବ୍ୟକ୍ତିଗତ ମହିଳା ଚାମ୍ପିୟନ ବବିତା ସାନ୍ତା ହୋଇଛନ୍ତି। ବବିତା ୧୦୦,୨୦୦,୪୦୦,୮୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ପାଇଛନ୍ତି। ଜୟମଣି ଭତ୍ରା ୪୦୦,୮୦୦ ମିଟର ଦୌଡ଼ ଓ ଲମ୍ବ ଡିଆଁରେ ତୃତୀୟ, ରାମବତୀ ହରିଜନ ୧୦୦,୨୦୦ ମିଟର ଦୌଡରେ ଦ୍ୱିତୀୟ ଓ ଲମ୍ବଡିଆଁରେ ପ୍ରଥମ ଏବଂ ଡିସ୍‌କସ୍ ଥ୍ରୋରେ ତୃତୀୟ ହୋଇଛନ୍ତି। ସୁଷମା ସାନ୍ତା ଡିସ୍‌କସ ଥ୍ରୋ ଓ ଶଟ୍‌ପୁଟ୍‌ରେ ଦ୍ୱିତୀୟ ହୋଇଛନ୍ତି। ମହିଳା ରିଲେ ରେସ୍‌ରେ ପ୍ରଥମ ସ୍ଥାନ ପାଇଛନ୍ତି। ପୁରୁଷ ବର୍ଗରେ ଶିବ ପୂଜାରୀ



୧୫୦୦ ମିଟର ଦୌଡ଼ରେ ଦ୍ୱିତୀୟ ହୋଇଛନ୍ତି। ବିଜୟୀ ଛାତ୍ରୀଛାତ୍ରଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଲେଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଅନୀଲ ମିଶ୍ର, ଡ.ପଙ୍କଜ ମିଶ୍ର, ଡ.ରବି ମିଶ୍ର, ଖେଳ ଶିକ୍ଷକ ନିକୁଞ୍ଜ ବେହେରା ମଞ୍ଚ ଉପରେ ବସିଥିବା ବେଳେ ସମସ୍ତ ଅଧ୍ୟାପିକା ଓ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପଦକ ହାସଲ କରିଥିବା ସମସ୍ତ ଖେଳାଳି ସଫଳତାର ଶ୍ରେୟ ଅଧକ୍ଷା ଅନିତା ମାଝି, ଖେଳ ଶିକ୍ଷକ ଓ ଦୁଇ ପ୍ରଶିକ୍ଷକଙ୍କୁ ଦେଇଛନ୍ତି। ପ୍ରକାଶ ଯେ, ଏହି ଛାତ୍ରୀଛାତ୍ରମାନେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ଓ ଏମ୍. ବିଜୟ କୁମାରଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିଲେ।

## ଗ୍ରାମାଞ୍ଚଳରୁ ଦଳକୁ ସୁଦୃଢ଼ କରିବାକୁ ରଣନୀତି

ମୁନିଗୁଡ଼ା ବିଜେଡି 'ଖ' ଜୋନ୍‌ର କର୍ମୀ ସମ୍ମିଳନୀ

ମୁନିଗୁଡ଼ା, ୨୭।୧୨(ଡି.ଏନ୍.ଏ.)

ମୁନିଗୁଡ଼ାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବ୍ଲକ ବିଜେଡି 'ଖ' ଜୋନ୍‌ର କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରତନଲାଲ ଜୈନ ଓ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଜିଲା ବିଜେଡି ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ, ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନାୟକ ଯୋଗଦେଇ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏକତ୍ରିତ ହୋଇ ଗ୍ରାମାଞ୍ଚଳରୁ କିପରି ଦଳର ସ୍ଥିତି ସୁଦୃଢ଼ କରାଯିବ ସେ ନେଇ କାର୍ଯ୍ୟ କରିବାକୁ ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ସ୍ତରରେ କମିଟି ଗଠନ କରିବା ନେଇ ମଧ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ବିଜେଡିର ରାଜ୍ୟ ସମ୍ପାଦିକା ଶକୁନ୍ତଳା ନୁଣ୍ଡୁକା, ଡମ୍ବରୁଧର ଶତପଥୀ, ବୈକୁଣ୍ଠ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ବିଜେଡି ସଭାପତି, ବ୍ଲକ ବିଜେଡି ସଭାପତି ଓ ଅନ୍ୟମାନେ।

## ବାଇକ୍ ଚୋରି: ଅଭିଯୁକ୍ତ ଗିରଫ

ମାଲକାନଗିରି,୨୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ଚିଦାନନ୍ଦ ସାହିର ଈଶ୍ୱର ରାଓଙ୍କ ଘରୁ ରବିବାର ରାତିରେ ଏକ ବାଇକ୍ ଚୋରି ହୋଇଥିଲା। ସୋମବାର ଏ ନେଇ ମାଲକାନଗିରି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଛତିଶଗଡ଼ ଦାନ୍ତେୱାଡ଼ା କାଚେଲି ଗ୍ରାମର ସୁପ୍ରସାଦ ମଣ୍ଡଳଙ୍କୁ ଗିରଫ କରିଛି। ଏ ନେଇ ମାଲକାନଗିରି ଥାନାରେ ୬୧୭/୨୧ରେ ଏକ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ମାଲକାନଗିରି ଥାନାଧିକାରୀ ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

## ରାଷ୍ଟ୍ରୀୟ ଏକତା ଶିବିରରେ ରାୟଗଡ଼ାର ଅକ୍ଷୟ ପୁରସ୍କୃତ

ରାୟଗଡ଼ା ଅଫିସ,୨୭।୧୨

ତାମିଲନାଡୁର କୋଏମ୍ବାଟୁରରେ ଡିସେମ୍ବର ୧୪ତରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ରାଷ୍ଟ୍ରୀୟ ଏକତା ଶିବିରରେ ଓଡ଼ିଶାର ୧୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିର ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ବିଜ୍ଞାନ ଶେଷ ବର୍ଷର ଛାତ୍ର ଅକ୍ଷୟ ମିଶ୍ର 'ମୋଷ୍ଟ ଭାଲ୍ୟୁଏବଲ ଭଲ୍ୟୁଣ୍ଟିୟର୍ସ ଷ୍ଟୁଡେଣ୍ଟ ଅଫ୍ ଦି କ୍ୟାମ୍ପ' ପୁରସ୍କାରରେ ପୁରସ୍କୃତ ହୋଇ ଜିଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କେନ୍ଦ୍ରୀୟ ଯୁବ ବ୍ୟାପାର



ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଶିବିରରେ ଭାରତୀୟ କ୍ରୀଡ଼ା, କଳା ଓ ସଂସ୍କୃତିର ପ୍ରଚାର ଏବଂ ପ୍ରସାର ସମ୍ପର୍କରେ କର୍ମଶାଳା ଚାଲିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦେଶର ୨୮ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ଅଞ୍ଚଳର ୩୬୦ ଛାତ୍ରୀଛାତ୍ର ଓ ୩୬ ପ୍ରୋଗାମ ଅଫିସର ଯୋଗ ଦେଇଥିଲେ। ମାଲକାନଗିରି ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ନମିତା ଦଣ୍ଡସେନାଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ଜିଲାର ୧୦ ଛାତ୍ରୀଛାତ୍ର ଶିବିରରେ ଯୋଗ ଦେଇଥିବାବେଳେ ରାୟଗଡ଼ାର ଛାତ୍ର ଅକ୍ଷୟ ମିଶ୍ର ଉଦ୍‌ଘାଟନ ଉତ୍ସବ କାର୍ଯ୍ୟକ୍ରମରେ ରଙ୍ଗବତୀ ଗୀତ ଗାଇ ସମସ୍ତଙ୍କ ମନ ଜିଣିଥିଲେ ଏବଂ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପୋଲିସ କମିଶନର ପ୍ରଦୀପ କୁମାରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋଏମ୍ବାଟୁରର ଜିଲାପାଳ ଜି.ଏସ୍. ସମୀରନ, ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସି. ସାମୁଏଲ ଚେଲ୍ଲାଇ, ଭାରଥିଆର ୟୁନଭର୍ସିଟିର ଭିସି ପ୍ରଫେସର ପି. କାଳୀରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ କରାଟେ ପ୍ରତିଯୋଗିତାରେ ସେମିଳିଗୁଡ଼ାକୁ ୭ ସ୍ୱର୍ଣ୍ଣ

ସୁନାବେଡା,୨୭।୧୨(ସ୍ୱ.ପ୍ର.)

ଓଡିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରରେ ଆୟୋଜିତ ୩୩ ତମ ରାଜ୍ୟ ଉପ କନିଷ୍ଠ କ୍ୟାଡେଟ ଏବଂ କନିଷ୍ଠ ପ୍ରତିଯୋଗିତାରେ ସେମିଳିଗୁଡ଼ାର ପ୍ରତିଯୋଗୀ ସଫଳତା ହାସିଲ କରିଛନ୍ତି। ସେମାନେ ୭ ସ୍ୱର୍ଣ୍ଣ, ୪ ରୌପ୍ୟ ଏବଂ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। ହର୍ଷଦ କୁମାର, ନନ୍ଦିନୀ ନାୟର, ଦିବେଶ ବରାଡ଼, ଡ଼ାନିଏଲ ଜାନି, ଦୀପ୍ତି ନାମଦେବ, ଅଦିତି ପାଣିଗ୍ରାହୀ ଓ ରୋହନ ଦୁରିଆଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଅଦିତି ପାଣିଗ୍ରାହୀଙ୍କୁ ରୌପ୍ୟ ପଦକ ମିଳିଛି। ଗ୍ରୁପ କାଟାଗୋରୀରେ ଆରୀୟନ ପଟ୍ଟନାୟକ, ଚନ୍ଦନ କୁମାର ପାଙ୍ଗି ଓ ଶୁଭମ ନାୟକଙ୍କୁ ରୌପ୍ୟ ପଦକ ଏବଂ ହର୍ଷଦ କୁମାର ଓ ତପସ୍ୱିନି ନାୟକଙ୍କୁ କାଂସ୍ୟ ପଦକ ମିଳିଛି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବେ। ପଦକ ହାସଲ କରିଥିବା ସମସ୍ତ ପ୍ରତିଯୋଗୀ ଇଷ୍ଟ ଇଣ୍ଡିଆ ଜୋନାଲ କରାଟେ ପ୍ରତିଯୋଗିତା ପାଟନାରେ ଆସନ୍ତା ଫେବୃଆରୀ ମାସରେ ହେବାକୁ ଥିବା ଖେଳରେ ଭାଗ ନେବେ। ରାଜ୍ୟ କରାଟେ ସଂଘ ସଭାପତି ଡ଼ ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ଼ ଗୌରୀ ମହାନ୍ତି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କୋରାପୁଟ ଜିଲା କରାଟେ ସଂଘ ସମ୍ପାଦକ ସେନସେଇ ଦୁର୍ଗା ପ୍ରସାଦ ରଥ, ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର କୋଚ ରାଜେନ୍ଦ୍ର କେଶରୀ ସାମଲ, ସ୍କୁଲ ସଭାପତି ମନୋଜ ପଟ୍ଟନାୟକ ଏହି ସଫଳତା ପାଇଁ ଶୁଭେଚ୍ଛା ଓ ଶୁଭ କାମନା ଜ୍ଞାପନ କରିଛନ୍ତି।





ପଦକ ପାଇଥିବା କୃତି ପ୍ରତିଯୋଗୀ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପଠାଇଲା ଭାଜପା

ମମିତା ହତ୍ୟାକାଣ୍ଡ ପ୍ରସଙ୍ଗ

ଗୁଣପୁର୨୭।୧୨(ଡି.ଏନ୍.ଏ.)–

ମମିତା ମେହେର ହତ୍ୟା ପ୍ରସଙ୍ଗକୁ ନେଇ ଗୁଣପୁରଠାରେ ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପ୍ରେରଣ କରାଯାଇଛି। ସହରସ୍ଥିତ ମରାଠିଗୁଡ଼ା ପୋଷ୍ଟ ଅଫିସଠାରେ ଭାଜପାର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପ୍ରେରଣ କରିଥିଲେ। ଅଞ୍ଜନା ମିଶ୍ର ଘଟଣାରେ ସେହି ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଇସ୍ତଫା ଦାବି କରାଯାଇଥିଲା। ଏବେ ମମିତା ହତ୍ୟାକାଣ୍ଡ ଘଟଣାରେ ବିଜେଡିର ଦୋମୁହାଁ ନୀତି କାହିଁକି ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କାହିଁକି ବହିଷ୍କାର କରାଯାଉନାହିଁ ବୋଲି ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଛି। ଚିଠି ପ୍ରେରଣବେଳେ ନଗର ଭାଜପା ସଭାପତି ଶ୍ରୀନିବାସ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା ଉପସଭାପତି ୱାଇ. ଗଣପତି, ଉଦୟ ପାଢ଼ୀ, କୋଷାଧ୍ୟକ୍ଷ ପି. ନାଗରାଜୁ, ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ଯୁବମୋର୍ଚ୍ଚାର ସୁମନ ସାହୁକାର, ଅମର ସାହୁ, ଫାଲ୍‌ଗୁନୀ ଶବରଙ୍କ ସମେତ ଟିଙ୍କୁ ପଣ୍ଡା, ମୁଖି ଦିବାକର ପ୍ରମୁଖ ଉପସ୍ଥିତ ଥିଲେ।



ମରାଠିଗୁଡ଼ା ପୋଷ୍ଟ ଅଫିସଠାରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

## କୋରାପୁଟ ଜିଲା ଇଣ୍ଟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ଜୟପୁର,୨୭।୧୨(ନି.ପ୍ର.)

ଜୟପୁର ଦଶହରା ପଡିଆରେ କୋରାପୁଟ ଜିଲା ଇଣ୍ଟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚରେ ଜି.ବସନ୍ତ ରାଓ, ଅନୁପ ପାତ୍ର, ବାବୁଲା ରାଉତ ଓ ରବି ନାୟକ ଉପସ୍ଥିତ ଥିଲେ। ଆଜିର ମ୍ୟାଚ ବ୍ଲୁ ଓ ଅରେଞ୍ଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଦଳ ଟସ୍ ଜିତି ବ୍ୟାଟିଂ କରିଥିଲା। ୨୬.୧ ଓଭରରେ ଟିମ୍ ସମସ୍ତ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା। ଅରେଞ୍ଜ ଦଳ ୧୩.୫ ଓଭରରେ ୧୦୫ରନ ସଂଗ୍ରହ କରି ବିଜୟୀ ହୋଇଛି। ଅରେଞ୍ଜ ଦଳର ଓମ୍ ପ୍ରକାଶ ଧଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ସମ୍ମାନିତ କରାଯାଇଛି। ଏହି ମ୍ୟାଚରେ ଅମ୍ପାୟର ଭାବେ ବିରେନ ମହାନ୍ତି, ଗୁପ୍ତ ପ୍ରସାଦ ଦାସ ଉପସ୍ଥିତ ଥିଲେ। ଖେଳକୁ ୱାଇ ପ୍ରସାଦ, ଉପେନ୍ଦ୍ର ମହାରଣା, ପି.ରମେଶ ପାତ୍ର, ବାବୁ ରାୟ, ବାପି ପରିଡା, ବଳରାମ ପାଣିଗ୍ରାହୀ ଓ ତାରିଣୀ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ୩ ଚାଷୀଙ୍କ ଧାନ ନଷ୍ଟ କଲେ ହାତୀପଲ

ଗୁଣପୁର,୨୭।୧୨(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ଶାଙ୍କେରି ଗ୍ରାମ ନିକଟରେ ଏକ ଧାନ ଖଳାରେ ରବିବାର ରାତିରେ ହାତୀପଲ ପଶି ଚାଷିଙ୍କ ଅମଳ ଧାନ ଖାଇବା ସହ ନଷ୍ଟ କରିଛି। ସୂଚନା ଅନୁଯାୟୀ, ଶାଙ୍କେରି ଗ୍ରାମର ଚାଷୀ ସିମିରିତାଇ ମାଝି, ରଇତ ମାଝି ଓ ପଦ୍ମପୁର ବ୍ଲକ ଲିକିଟିପଦର ଗ୍ରାମର ଶଇତାନ୍ୟ ଶବରଙ୍କ ଧାନ ନଷ୍ଟ ହୋଇଛି। ସୋମବାର ଫରେଷ୍ଟର ପି. କେ. ଜେନା ଓ ବନ ବିଭାଗ କର୍ମଚାରୀ ପହଞ୍ଚି ନଷ୍ଟ ହୋଇଥିବା ଧାନର କ୍ଷୟକ୍ଷତି ଆକଳନ କରିଛନ୍ତି। ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଯୋଗୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି।



ବନ ବିଭାଗ ଅଧିକାରୀ କ୍ଷୟକ୍ଷତି ଆକଳନ କରୁଛନ୍ତି ।

## ସରକାରୀ ସହାୟତା ହ୍ରାସ କରିବ ଗଞ୍ଜେଇ ଚାଷ

ମାଲକାନଗିରି,୨୭।୧୨ (ଡି.ଏନ.ଏ.)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ପଞ୍ଚାୟତର ଚାଷୀଙ୍କୁ ସରକାରୀ ସହାୟତା ସହ ବୈଷୟିକ ଜ୍ଞାନକୌଶଳ ତାଲିମ ଯୋଗାଇ ଦେଲେ ଉକ୍ତ ଅଞ୍ଚଳରୁ ଗଞ୍ଜେଇ ଚାଷ ହ୍ରାସ ପାଇବ ବୋଲି ସ୍ୱାଭିମାନ ଅଞ୍ଚଳର ରାଜମା ଚାଷୀ ସାଲୁ ଖିଲ କହିଛନ୍ତି । ମାଓବାଦୀଙ୍କ ଭୟରେ ସ୍ୱାଭିମାନ ଅଞ୍ଚଳର ୯ଟି ପଞ୍ଚାୟତରେ କୌଣସି ବିଭାଗୀୟ ଅଧିକାରୀଙ୍କ ପାଦ ପଡୁ ନ ଥିଲା। ଅନ୍ୟ ରାଜ୍ୟର ଗଞ୍ଜେଇ ମାଫିଆଙ୍କ ପ୍ରୋତ୍ସାହନରେ ସ୍ୱାଭିମାନ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚାଷ ହେଉଥିଲା । ଏହାକୁ ମାଓବାଦୀ ସଙ୍ଗଠନ ମଧ ବିରୋଧ କରୁ ନ ଥିଲା । ଗୁରୁପ୍ରିୟା ସେତୁ ହେବା ପରେ ସ୍ୱାଭିମାନ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବା ସହ ମାଓବାଦୀଙ୍କ ପ୍ରାଦୁର୍ଭାବ କମିଥିଲା। ଫଳରେ ଅଞ୍ଚଳର ଆଦିବାସୀମାନେ ଡାଲି, ତୈଳବୀଜ ଏବଂ ଧାନ ଚାଷ ଆରମ୍ଭ କରିଛନ୍ତି । ଏପରି ଜଣେ ଚାଷୀ ହେଉଛନ୍ତି ପାପରମେଟ୍‌ଲା ପଞ୍ଚାୟତ ଲୁଛାପାଣି ଗ୍ରାମର ସାଲୁ ଖିଲ । ସେ ରାଜମା ଚାଷ କରି ନିଜ ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି । ମାଫିଆମାନେ ଆଦିବାସୀଙ୍କୁ ଗଞ୍ଜେଇ ଚାଷ ପାଇଁ ପ୍ରୋତ୍ସାହିତ କରି ସେମାନଙ୍କଠାରୁ ଗଞ୍ଜେଇ ନେଇ ଲାଭ ଉଠାଉଥିବା ବେଳେ ଅନେକ ନିରୀହ ଆଦିବାସୀ ଗଞ୍ଜେଇ କାରବାର କରି ଧରାପଡି ଜେଲ ଯାଉଛନ୍ତି। ଆଉ ଆଗକୁ ଗଞ୍ଜେଇ ଚାଷ ନ କରି ଧାନ, ମାଣ୍ଡିଆ, ସୁଆଁ, କୋଳଥ, ବିରି, କାନ୍ଦୁଲ, ଧାନ ସହ ବିଭିନ୍ନ ପନିପରିବା ଚାଷ କରି ଜୀବୀକା ନିର୍ବାହ କରିବୁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସ୍ୱାଭିମାନ ଅଞ୍ଚଳରେ ଉପଯୁକ୍ତ ବଜାର ନ ଥିବା ହେତୁ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଛି । ଜିଲା ପ୍ରଶାସନ ସ୍ୱାଭିମାନ ଅଞ୍ଚଳର ଖାଦ୍ୟ ଶସ୍ୟ, ପନିପରିବା ବିକ୍ରି ଲାଗି ବଜାର ବ୍ୟବସ୍ଥା କଲେ ଉକ୍ତ ଅଞ୍ଚଳର ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି ହୋଇ ଏହା ଚାଷୀଙ୍କୁ ଅଧିକ ଉତ୍ସାହିତ କରିବ ବୋଲି ମତ ପ୍ରକାଶ ପାଉଛି।



ଚାଷୀ ସାଲୁ ଖିଲ ନିଜ ଜମିରେ କରିଥିବା ରାଜମା ଚାଷ ।

